

ଆଶଙ୍କାରେ ବୌଦ୍ଧ-ମର୍ଜାକୁଦ ମହାନଦୀ ସେତୁ

ବୌଦ୍ଧଗଡ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ମହାନଦୀ ମଧ୍ୟଭାଗ ମର୍ଜାକୁଦ ଦ୍ୱିପରେ ବୌଦ୍ଧ ଏନ,ସିର ଦୁଇଟି ୱାର୍ଡ ରହିଛି । ଏହି ଏନଏସିର ଅବିଛେଦ୍ୟ ଦୁଇଟି ୱାର୍ଡରେ ବସବାସ କରୁଥିବା ଲୋକଙ୍କୁ ସହର ସହିତ ଯୋଡିବା ପାଇଁ ମହାନଦୀ ଉପରେ ଏକ ପୋଲର ଆବଶ୍ୟକତା ରହିଛି । ଏହି ଦୁଇ ୱାର୍ଡର ଭୋଟରଙ୍କୁ ଆତେଇବା ପାଇଁ ତାଙ୍କର ମୁଖ୍ୟ ଦାବି ଏହି ପୋଲ ନିର୍ମାଣ ତେଣୁ ବିଭିନ୍ନ ରାଜନୈତି ଦଳ ପକ୍ଷରୁ ଏହି ପୋଲ ନିର୍ମାଣ ଓ ସେଠାରେ ଉନ୍ନତି କରଣ ପାଇଁ ସେଠାର ଜନ ସାଧାରଣଙ୍କୁ ଯିଏ ଯେମିତି ପାରିଲା ନେତା ମନ୍ତ୍ରୀଙ୍କ ଦ୍ୱାରା ପୋଲ ନିର୍ମାଣ ହେବା ନେଇ ପ୍ରତିଶୃତି ଦିଆ ଚାଲିଛନ୍ତି । ଗତ କିଛି ମାସ ତଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଥିଲାଯେ ମର୍ଜାକୁଦ ପୋଲ ନିର୍ମାଣ ପାଇଁ ପୁର୍ବତନ ଜିଲ୍ଲାପାଳ ୭୨କୋଟି ଟଙ୍କା ମଂଜୁର ହୋଇଛି ବୋଲି ଏକ ସାମ୍ବାଦିକ ସମ୍ମୀଳନିରେ ପ୍ରକାଶ କରିଥିଲେ । ଲୋକମାନେ ନେତା ମନ୍ତ୍ରୀଙ୍କ କଥାକୁ ବିଶ୍ୱାସକୁ ନେଉନଥିଲେ କିନ୍ତୁ ଜିଲ୍ଲାପାଳ ପ୍ରେସ ବିବୃତି ଦେବାପରେ ଏହି କଳ୍ପନା ଜଳ୍ପନାର ଅବସାନ ଘଟିଥିଲା । ଲୋକେ ବିଶ୍ୱାସକୁ ନେଲେ ଯେ ବୌଦ୍ଧ ସହ ମର୍ଜାକୁଦ ସେତୁ ଦ୍ୱାରା ସଂଯୋଗ ହେବ । ଏଠାରେ ଅନେକ ସରକାରୀ ଦପ୍ତର ଖୋଲାହେବ । ସହରରୁ ମଧ୍ୟ ପୁଞ୍ଜିପତିଙ୍କ ସୁଅ ଛୁଟିଲା ସେଠାର କିଛି ଜମି ଆତେଇ ନେବାପାଇଁ ଏଭଳି ପ୍ରତିଯୋଗୀତା ମୁଳକ ଭାବେ ଲୋକଙ୍କ ଉତ୍ସାହ ବଢି ବଢି ଚାଲିଥିଲା । ଲୋକେ ଉତ୍ସାହର ସହ ଯାଇ ମୁଖ୍ୟ ମନ୍ତ୍ରୀଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇ ଫେରିଲେଣି । ତେବେ ଏହି ପୋଲ ପ୍ରକଳ୍ପ ସଂପର୍କରେ ବୌଦ୍ଧର ଜଣେ ଆଇନଜୀବୀ ତଥା ସମାଜସେବୀ ବିଶେଶ୍ୱର ପୃଷ୍ଟି ସୁଚନା ଅଧିକାରରେ ତଥ୍ୟ ମାଗି ପ୍ରକୃତ କଥାକୁ ଲୋକଲୋଚନକୁ ଆଣିଛନ୍ତି । ସେ ଦେଇଥିବା ସୂଚନା ଅନୁଯାଇ, ନିର୍ବାହୀଯନ୍ତ୍ରୀ ରାସ୍ତା କୋଠାବାଡି ବିଭାଗ ଠାରୁ ଗତ ୨୯/୯/୨୦୧୮ ତାରିଖରେ ମିଳିଥିବା ତଥ୍ୟ ମୁତାବକ ଗତ ତା ୧/୬/୨୦୧୬ରେ ୬୮ କୋଟି, ୨୧ ଲକ୍ଷ, ୬୨ ହଜାର ଟଙ୍କା ବୌଦ୍ଧ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପକ୍ଷରୁ ଏହି ପୋଲ ନିର୍ମାଣ ନିମନ୍ତେ ଏକ ଏଷ୍ଟିମେଟ ମଞ୍ଜୁରୀ ପାଇଁ ମୁଖ୍ୟ ନିର୍ବାହୀଯନ୍ତ୍ରୀ ଡିପିଆଇ ଏବଂ ରୋଡକୁ ପଠାଯାଇଥିଲା । ଏହାପରେ ଗତ ତା୧୬/୧/୨୦୧୮ ରିଖରେ ପୂର୍ବ ଏଷ୍ଟିମେଟକୁ ବଦଳାଯାଇ ୪୧.୦୭୪ କୋଟି ଟଙ୍କାର ଏକ ଏଷ୍ଟିମେଟ ପଠାଗଲା । ପରେ ପୁଣି ଏଷ୍ଟିମେଟ ବଦଳାଯାଇ ତା ୨୬/୪/୨୦୧୮ ରିଖରେ ୪୩ କୋଟି, ୪୬ ଲକ୍ଷ,୨୩ ହଜାର ୪୩୨ ଟଙ୍କାର ଟେଣ୍ଡର ପ୍ରକାଶ ପାଇଥିଲା । ଏହି ଟେଣ୍ଡରକୁ ନାକଚ କରାଯାଇ ପୁଣି ତା ୨୫/୪/୨୦୧୮ରେ ୩୯ କୋଟି, ୨୬ ଲକ୍ଷ, ୭୮ ହଜାର ୮୬ ଟଙ୍କାର ଏଷ୍ଟିମେଟ ପଠାଯାଇଥିଲା । ପରେ ପୁଣି ତା୨୨/୫/୨୦୧୮ ରିଖରେ ୪୩ କୋଟି, ୪୬ ଲକ୍ଷ, ୨୩ ହଜାର ୪୩୨ ଟଙ୍କାର, ଏଷ୍ଟିମେଟ ଓ ଶେଷରେ ତା ୨୫/୫/୨୦୧୮ରିଖରେ ୪୫ କୋଟି, ୧ ଲକ୍ଷ, ୫୩ ହଜାର, ୧୮ ଟଙ୍କାର ଏଷ୍ଟିମେଟ ଅନୁଯାଇ ଟେଣ୍ଡର ଆହ୍ୱାନ କରାଯାଇଥିବା ବିଭାଗ ପକ୍ଷରୁ ଏହି ସୂଚନା ଅଧିକାରରେ ସୂଚନା ଦିଆଯାଇଛି । ତେବେ ଏତେଥର ଏଷ୍ଟିମେଟ ବଦଳାଯିବାର କାରଣ ସଂପର୍କରେ ବିଭାଗ ନିରବ ରହିଥିବାବେଳେ ଅନ୍ୟପାଖରେ ଏହି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି ତାହା କେବେ ସରିବ ସେ ସଂପର୍କରେ କୌଣସି ନିଧାର୍ଯ୍ୟ ସମୟସୀମା ନାହିଁ ବୋଲି ବିଭାଗ ପକ୍ଷରୁ ଉତ୍ତର ରଖାଯାଇଛି । ଏଥିସହ ଆହୁରି ଏକ ଆଶ୍ଚର୍ଯ୍ୟ ବିଷୟ ଯେ ଏହି ସେତୁ ପ୍ରକଳ୍ପର ଅର୍ଥ ମଞ୍ଜୁରୀପତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗକୁ ମିଳିନାହିଁ । ଏହାପୂର୍ବରୁ ସୂଚନା ଅଧିକାର ବଳରେ ଓଡିଶା ସରକାରଙ୍କ ପୂର୍ତ୍ତବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଶ୍ରୀପୃଷ୍ଟି ମାଗିଥିବା ସୂଚନାରେ ୨୦୧୫-୧୬ ମସିହା ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏହି ସେତୁ ନର୍ମାଣ ପାଇଁ କୌଣସି ବିଭାଗକୁ ଦାୟିତ୍ୱ ଦେଇନଥିଲେ । ଏହି ସୂଚନାରେ ଆରଆଇଡିଏଫ ଫଣ୍ଡରୁ ମାତ୍ର ୧୦୦୦ ଟଙ୍କା ଅର୍ଥ ମଞ୍ଜୁରୀ ହୋଇଥିଲା ସୂଚନା ଦିଆଯାଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ଯେ ଗୋଟିଏ ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁରୀ କରାନଯାଇ ଟେଣ୍ଡର କରାଯିବା ପୁଣି ବାରମ୍ବାର ଏଷ୍ଟିମେଟ ବଦଳାଯାଇ, ତେବେ କଣ ଏହି ପ୍ରକଳ୍ପକୁ ସରକାର ଉପହାସ କରୁଛନ୍ତି ? ଅନ୍ୟ ପାଖରେ ସ୍ଥାନିୟ ନେତା ଓ ପ୍ରଶାସନ ଏ ଅଞ୍ଚଳରେ ଲୋକଙ୍କୁ ଯେଉଁ ପୋଲ ନିର୍ମାଣର ଯେଉଁ ସ୍ୱପ୍ନ ଦେଖାଇଛନ୍ତି ତାହା କଣ ପ୍ରକୃତରେ ସ୍ୱପ୍ନ ହୋଇ ରହିଯିବ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଯେମିତି ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ନିର୍ମାଣର ଅଗ୍ରଗତି ନେଇ ଗତ ତିନିବର୍ଷ ଧରି ଜିଲ୍ଲାବାସୀଙ୍କୁ ପ୍ରଶାସନ ଓ ରାଜନେତା ଜିଲ୍ଲା ବାସୀଙ୍କୁ ଭୁଆଁ ବୁଲେଇ ଆସୁଛି ସେହିପରି ଏହି ପୋଲ ପ୍ରକଳ୍ପର ଭବିଷ୍ୟତ ଆଶଙ୍କା ମଧ୍ୟରେ ରହିଯିବନିତ ବୋଲି ବୁଦ୍ଧିଜୀବୀରେ ପ୍ରଶ୍ନ ଉଙ୍କି ମାରିଛି ।

ନାଉଗାଁ ବ୍ଲକରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ନାଉଗାଁ, ନ୍ୟୁଜ୍ ବ୍ୟୁରୋ

ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଆମ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ହିତାଧିକାରୀ ମାନଙ୍କ ପାଇଁ ରଜ୍ୟ ସରକାର ଏହି ଯୋଜନା ପ୍ରଣୟନ କରିଛନ୍ତି । ନାଉଗାଁ ବ୍ଲକରେ ୪୮୬୧ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ୪୪୮୯ ଜଣ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଖାଦ୍ୟ ସୁରକ୍ଷା କାର୍ଡ ଯୋଗାଇ ଦିଆଯାଇଛି, ଆବଶ୍ୟକ ପଡିଲେ ଆହୁରି ଯୋଗାଇ ଦିଆଯିବ । ରାଜ୍ୟ ସରକାର ଭାଷଣରେ ନୁହେଁ କର୍ମରେ ବିଶ୍ୱାସ ରଖନ୍ତି ବୋଲି ସେ ହିତାଧିକାରୀ ମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ଉକ୍ତ ସଭାରେ ସମ୍ମାନନୀୟ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ବିଷ୍ଣୁଦାସ, ସାଂସଦ ଡା.କୁଳମଣି ସାମଲ, ଜଗତସିଂହପୁର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ସୁବଳ ବେହେରା, ପ୍ରଦୀପ୍ତ ସ୍ୱାଇଁ, ନାଉଗାଁ ବିଡିଓ ବିଜୟ କେତନ ଚୌଧୁରୀ ପ୍ରମୁଖ ଯୋଗଦେଇ ହିତାଧିକାରୀ ମାନଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ବଣ୍ଟନ କରିଛନ୍ତି । ଏହି ସଭାରେ ସୁକାନ୍ତ କୁମାର ଲେଙ୍କା ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଉଗାଁ ଯୋଗାଣ ନିରୀକ୍ଷକ ତୁଳସୀ ଦାସ ମୁଖାର୍ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ବନ୍ୟା କ୍ଷୟକ୍ଷତି ବୁଲି ଦେଖିଲେ ବିଜେପି କେନ୍ଦ୍ରୀୟ ଟିମ୍

ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

ଗତ ବନ୍ୟାରେ ଆନନ୍ଦପୁର ଉପଖଣ୍ଡରେ ଲଗାଣ ବର୍ଷ ଯୋଗୁ ବ୍ୟାପକ କ୍ଷୟକ୍ଷ୍ୟତି ହୋଇଥିଲା । ଏହାକୁ ଅନୁଧ୍ୟାନ କରିବାକୁ ସୋମବାର ବିଜେପି କୃଷକ ମୋର୍ଚ୍ଚାର କେନ୍ଦ୍ରୀୟ ଟିମ୍ ବନ୍ୟା ପ୍ରପିଡିତ ବିଭିନ୍ନ ଅଞ୍ଚଳ ଗୁଡିକ ଯଥା ପଣ୍ଡୁଆ, ପଚାଙ୍ଗ, ଛତ୍ରକଣା, ସଦାପୁର, ଖଡିପାଲ, ମୋଚୋନ୍ଦା ଆଦି ବୁଲି ଦେଖିବା ସହ ସିଧା ସଳଖ ସେହି ଅଞ୍ଚଳର ଲୋକ ମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ । କେନ୍ଦ୍ରୀୟ ରାଷ୍ଟ୍ରିୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ କେନ୍ଦ୍ରୀୟ କୃଷକ ମୋର୍ଚ୍ଚା ଓଡିଶା ପ୍ରଭାରି ରାକେସ୍ ଶର୍ମା, ପୂର୍ବତନ ବିଧାୟକ ଭାଗିରଥି ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ, ସମିର ପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି, ଶଙ୍କର୍ଷଣ ଜେନା, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ହେମନ୍ତ ମଲ୍ଲିକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ସୁମତି ଜେନା, ବିଜେପି ନଗର ମଣ୍ଡଳ ସଭାପତି ପ୍ରଶାନ୍ତ ମହାପାତ୍ର, ବବିତା ଶତପଥୀ ପ୍ରମୁଖ ଉକ୍ତ ଟିମ୍‌ରେ ସାମିଲ୍ ହୋଇଥିଲେ ।

'ବନ୍ୟପ୍ରାଣୀ ବିନା ପୃଥିବୀର ସ୍ଥିତି ଅସମ୍ଭବ'

ଚାନ୍ଦବାଲି, ନ୍ୟୁଜ୍ ବ୍ୟୁରୋ

ଆଦାନୀ ଡ଼ିଏଭି ସ୍କୁଲ, ଧାମରା ଠାରେ ଇକୋ କ୍ଲବର ଉଦ୍‌ଘାଟନ ଉତ୍ସବ ଏବଂ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଛି । ଏହି ଉପଲକ୍ଷେ ସ୍କୁଲର ଅଧ୍ୟକ୍ଷା କ୍ରିଷ୍ଟାପ୍ରିୟା ଷଡଙ୍ଗୀଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ବିଶିଷ୍ଟ ଅତିଥି ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଧୀର ମହାନ୍ତି, ସମ୍ମାନୀତ ଅତିଥି ଭଦ୍ରକ ଉପଜିଲ୍ଲାପାଳ ସୌମ୍ୟରଂଜନ ପାଣିଗ୍ରାହୀ, ଚାନ୍ଦବାଲି ରେଞ୍ଜ ଅଫିସର ଅରୁଣ କୁମାର ବେହେରା, ଧାମରା ପୋର୍ଟ ସିଏସ୍‌ଆର୍ ମୁଖ୍ୟ ସୁବାଷ ଚନ୍ଦ୍ର ରାୟ, ମୁଖ୍ୟବକ୍ତା ଇକୋ କ୍ଲବର ଜିଲ୍ଲା ସଂଯୋଜକ ଅନିଲ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍କୁଲରେ ଇକୋ କ୍ଲବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିସହିତ ଇକୋ କ୍ଲବର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରି ବନ୍ୟପ୍ରାଣୀ ବିନା ପୃଥିବୀର ସ୍ଥିତି ଅସମ୍ଭବ ଏବଂ ଏଥିପାଇଁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସଭାରେ ଶିକ୍ଷୟତ୍ରୀ ସୌମ୍ୟାପ୍ରିୟଦର୍ଶନୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାର ପ୍ରାରମ୍ଭରେ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ସଭାର ଅବ୍ୟବହିତ ପୂର୍ବରୁ ଛାତ୍ର, ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବନ୍ୟପ୍ରାଣୀ ସମ୍ପର୍କୀତ ଚିତ୍ରାଙ୍କନକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ ।

ଟଙ୍କା, ମୋବାଇଲ, ଗାଡ଼ି ଲୁଟ୍ ଘଟଣାରେ ୨ ଗିରଫ

କୋରେଇ, ନ୍ୟୁଜ୍ ବ୍ୟୁରୋ

କୋରେଇ ଥାନା ଅର୍ନ୍ତଗତ ଜାତୀୟ ରାଜପଥ ନଂ-୨୦କୁ ଲାଗି ଯାଇଥିବା ନଠୁଆ ମଲାରିଆ ରାସ୍ତାରେ ରାମଚନ୍ଦ୍ରଙ୍କ ଠାରୁ ୨ ଜଣ ଗତ ତା୫/୧୦/୧୮ ରିଖରେ ଟଙ୍କା, ମୋବାଇଲ, ଗାଡି ଛଡାଇ ନେଇଥିବା ଅଭିଯୋଗ ହୋଇଥିଲା କୋରେଇ ଥାନାରେ । ପୋଲିସ ସୂଚନାରୁ ପ୍ରକାଶ ଯେ ଭଦ୍ରକ ଜିଲ୍ଲା ପୋଷ୍ଟ ଅଫିସ ଅନ୍ନପାଳ ଅର୍ନ୍ତଗତ ଓକରା ଗ୍ରାମର ବାସିନ୍ଦା ରାହସ ଦାସଙ୍କ ପୁଅ ରାମଚନ୍ଦ୍ର ଦାସ (୪୫) ସେ ଆଜକୁ ଅନେକ ଦିନ ହେବ ଶଶୁର ଘର କାଚରାସାହି ପଞ୍ଚାୟତର ନହଣକୂଳ ଗ୍ରାମରେ ରହି ପନି ପରିବା ବୁଲିବୁଲି ବେପାର କରନ୍ତି । ମଙ୍ଗଳବାର ରାତିରେ ଡାବାରୁ ରାମଚନ୍ଦ୍ର ଖାଇ କୌଣସି କାମରେ ପାଟରଙ୍ଗା ଅଭିମୁଖେ ଯାଉଥିବା ସମୟରେ ହଠାତ ପଛରୁ ନିଛାଟିଆ ରାସ୍ତାରେ ୨ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଡରାଇ ଧମକାଇ ତାଙ୍କ ପାଖରୁ ୪ ହଜାର ଟଙ୍କା, ସ୍ୟାମସଙ୍ଗ ମୋବାଇଲ, ଟିଭିଏସ୍ ଏକ୍ସଏଲ ମଟରସାଇକେଲ ଛଡାଇ ନେଇଥିବା ଘଟଣାକୁ ଆଧାର କରି ମକଦ୍ଦମା ସଂଖ୍ୟା ୨୦୬/୧୮ରେ ୩୯୪ ଆଇପିସି ଧାରାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ପାଣିକେଇଲି ଗ୍ରାମର ଦିଲୀପ ବଳ ଓ ମଲାରିଆ ଗ୍ରାମର ସୁରଜ ଧଳଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

ଅଘୋଷିତ ବିଦ୍ୟୁତ କାଟ୍:ଜନ ଅସନ୍ତୋଷ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ନିଶ୍ଚିନ୍ତକୋଇଲି ସେସୁ ସହ କାରୀ ଯନ୍ତ୍ରୀଙ୍କ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଗତ କିଛି ଦିନ ହେଲା ଅଘୋଷିତ ଘନ ଘନ ବିଦ୍ୟୁତ କାଟ କରାଯାଉଥିବା ହେତୁ ବିଦ୍ୟୁତ ଗ୍ରାହକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରାନଗଲେ ଲୋକେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚରମ ଚେତାବନୀ ଦେଇଛନ୍ତି । ଗତ କିଛି ଦିନ ହେଲା ନିଶ୍ଚିନ୍ତକୋଇଲି ସେସୁ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ନତକାଇ, ରାମକୃଷ୍ଣପୁର, ବଡକ୍ଷୀର, କଟରପଡା, ସୁକରପଡା, ବୁହାଳୋ, ବାଲିଆପଦା, ସରପଡା, କେନ୍ଦୁପାଟଣା, ଜିଗ୍ନୀପୁର, ଫଗୋଳ, ବରାଦୋ, ଜୟରାମପୁର ପ୍ରଭୃତି ଗ୍ରାମ ପଞ୍ଚାୟତ ଗୁଡିକରେ ଅଘୋଷିତ ଭାବେ ଘନ ଘନ ବିଦ୍ୟୁତ କାଟ କରାଯାଉଛି । ଘନ ଘନ ବିଦ୍ୟୁତ କାଟ କରାଯାଉଥିବା ହେତୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ଏହି ଅଞ୍ଚଳରେ ଅକ୍ଟୋବର ମାସରେ ମଧ୍ୟ ଅସହ୍ୟ ଗୁଳଗୁଳି ଓ ଗରମ ଅନୁଭୂତ ହେଉଛି । ଦେହରୁ ଗମ୍ ଗମ୍ ଝାଳ ବହୁଛି । ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ଏପରିସ୍ଥଳେ ବିଦ୍ୟୁତ କାଟ ହେବା ଯୋଗୁ ଲୋକେ ସର୍ବୋପରି ଗର୍ଭବତୀ, ପ୍ରସୂତୀ ମହିଳା, କୋମଳମତୀ ଶିଶୁ, ରୋଗାଗ୍ରସ୍ତ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏପରିକି ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ପରୀକ୍ଷା ରହିଥିଲେ ମଧ୍ୟ ବିଦ୍ୟୁତ କାଟ ଯୋଗୁ ଛାତ୍ରଛାତ୍ରୀ ମାନଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଏପରିକି ଡାକ୍ତରଖାନା ଓ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେଉଛି । ସେସୁ ଲୋକଙ୍କଠାରୁ ଜୋର ଜୁଲମ କରି ବିଦ୍ୟୁତ କର ଚଢା ଦରରେ ଆଦାୟ କରୁଥିଲା ବେଳେ ଲୋକଙ୍କୁ ଠିକ ଭାବେ ସେବା ନଦେବା ଘଟଣାଟି ସାଧାରଣରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି । ସେହିପରି ଭାବେ ବିଦ୍ୟୁତ କାଟ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅପରାଧ ବୃଦ୍ଧି ପାଇବାର ଆଶଙ୍କା ରହିଛି । ସେହିପରି ଭାବେ ଆଉ ଅଳ୍ପଦିନ ପରେ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ଦଶହରା ପୂଜା ଓ ଦୁର୍ଗାପୂଜା ଆରମ୍ଭ ହେବ । ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଲୋକ ଏହି ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବିଦ୍ୟୁତ କାଟ ହେତୁ ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଅପରାଧ ବୃଦ୍ଧି ପାଇବାର ଆଶଙ୍କା ରହିଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି । ନଚେତ ଆଗାମୀ ଦିନରେ ଲୋକେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

ପୋଖରୀରେ ବୁଡି ପୂର୍ବତନ ସମିତି ସଭ୍ୟଙ୍କ ମୃତ୍ୟୁ

କୋରେଇ, ନ୍ୟୁଜ୍ ବ୍ୟୁରୋ

ସୋମବାର ଅପରାହ୍ନ ୪ ଟା ସମୟରେ ପଛିକୋଟ ପଞ୍ଚାୟତର ଗୌରପାଳ ଗ୍ରାମରେ ଗ୍ରାମ ପୋଖରୀରେ ପୂର୍ବତନ ସମିତି ସଭ୍ୟ ବଳରାମ ବେହେରା (୪୫) ଅତୁଠରେ ଗୋଧାଇବା ଥିବା ସମୟରେ ତାଙ୍କର ଗୋଡ ଖସି ଯାଇଥିଲା ଯାହା ଫଳ ରେ ସେ ବୁଡି ଯାଇଥିଲେ । ଏହି ଘଟଣା ଘଟିବା ଦେଖି ଗ୍ରାମବାସୀ ଦମକଳ କେନ୍ଦ୍ରକୁ ଫୋନ୍ କରିଥିଲେ । ଘଟଣା ସ୍ଥଳରେ ଦମକଳ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣିଥିଲେ । ସେଠାରେ ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ପଞ୍ଚାୟତବାସୀଙ୍କ ମନରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କ ମୃତ ଶରିର ଦର୍ଶନ ଲାଗି କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ ଓ ତାଙ୍କ ସମର୍ଥକ ମାନେ ଯାଜପୁର ରୋଡ ଗୋଷ୍ଠି କେନ୍ଦ୍ରରେ ପହଞ୍ଚି ତାଙ୍କ ପରିବାର ଆତ୍ମୀୟ ମାନଙ୍କ ଦୁଃଖରେ ସାମିଲ ହୋଇ ସମବେଦନା ଜଣାଇଥିଲେ ।

ଅରଡପଲ୍ଲୀ ପଞ୍ଚାୟତ ଅଫିସ୍ ଗଣ୍ଡଗୋଳ:୨ ମାମଲା ରୁଜୁ

ପଟ୍ଟାମୁଣ୍ଡାଇ, ନ୍ୟୁଜ୍ ବ୍ୟୁରୋ

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅରଡପଲ୍ଲୀ ପଞ୍ଚାୟତରେ ଗତ ୨ ତାରିଖରେ ଗ୍ରାମସଭାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା । ଯାହାଫଳରେ ଅରଡପଲ୍ଲୀ ପଞ୍ଚାୟତ ଅଫିସ ମଧ୍ୟରେ ଥିବା ସମିତିସଭ୍ୟ ଶ୍ରୀକାନ୍ତ ସାହୁ ଓ ଅନ୍ୟମାନଙ୍କୁ କିଛି ମହିଳା ଘେରାଉ କରିବା ସହିତ ଅଫିସରେ ତାଲା ପକାଇ ଦେଇଥିଲେ । ଖବର ପାଇ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କ କବଳରୁ ସମିତିସଭ୍ୟ ଶ୍ରୀସାହୁଙ୍କୁ ଉଦ୍ଧାର କରିଥିଲେ । ଏହାପରେ ମହିଳାମାନେ ଦଳବଦ୍ଧ ହୋଇ ତାଙ୍କୁ ସମିତିସଭ୍ୟ ଶ୍ରୀସାହୁ ଦୁର୍ବ୍ୟବହାର କରିଥିବା ନେଇ ସରସ୍ୱତୀ ବେହେରା, ମମତା ମହାନ୍ତି, ମିନତୀ ବେହେରା, ଡଲି ସାହୁ, ମଞ୍ଜୁଲତା ବେହେରା, ବାସନ୍ତୀ ରାଉତ ପ୍ରମୁଖ କେତେକ ମହିଳା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ । ଏହାଛଡା ରାଜେଶ ସାହୁ, ପ୍ରଶାନ୍ତ ବେହେରା ପ୍ରମୁଖ ଦୁର୍ବ୍ୟବହାର କରିଥିବା ନେଇ ପଦ୍ମିନୀ ମଲିକ ଅଭିଯୋଗ କରିଥିବାବେଳେ ଧନେଶ୍ୱର ସାହୁ, ରାନେଶ ସାହୁ, ଦୁର୍ଗାଚରଣ ରାଉତ ଓ ରାଜକିଶୋର ସାହୁ ପ୍ରମୁଖ ଦୁର୍ବ୍ୟବହାର କରିବା ସହିତ ସଭା ମଧ୍ୟକୁ ଛାଡି ନଥିଲେ ବୋଲି ମିନତୀ ଜେନା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ସମିତିସଭ୍ୟ ଶ୍ରୀକାନ୍ତ ସାହୁ, ବ୍ଲକ ସମାଜମଙ୍ଗଳ ଅଧିକାରିଣୀ ଚନ୍ଦ୍ରକାନ୍ତୀ ବେହୁରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ମମତା ମଲିକ, ଜିଆରଏସ ସୁଶାନ୍ତ ଜେନା, ଭିଆରପି ଜ୍ୟୋସ୍ନାରାଣୀ ବେହେରା ଓ ମମତା ପରିଡା, ଲକ୍ଷ୍ମୀପ୍ରିୟା ଜେନା, ନିକୁଞ୍ଜ ବିହାରୀ ଜେନା, ମନିତୀ ଜେନା ପ୍ରମୁଖ ବ୍ଲକ ପ୍ରଶାସନିକ ଅଧିକାରୀ, ପଞ୍ଚାୟତ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ମହିଳାମାନେ ଏକ ମିଳିତ ଅଭିଯୋଗପତ୍ରରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଗ୍ରାମସଭା ଚାଲିଥିବା ବେଳେ ୱାର୍ଡସଭ୍ୟ ପ୍ରଶାନ୍ତ ବେହେରା, ନାକି ବେହେରା, କାଞ୍ଚନ ବେହେରା ପ୍ରମୁଖ କେତେକ ମହିଳା ଜୋର ଜବରଦସ୍ତ ସଭାଗୃହ ମଧ୍ୟରେ ପ୍ରବେଶ କରି ଗାଳିଗୁଲଜ କରିବା ସହିତ ସଭା ଭଣ୍ଡୁର କରିବା ପାଇଁ ଉଦ୍ୟମ କରିଥିଲେ । ଏପରିକି ସଭାଗୃହରେ ଥିବା ସମସ୍ତଙ୍କୁ କିରୋସିନି ଧରି ଜାଳି ଦେବା ପାଇଁ ଧମକ ଦେଇଥିଲେ । ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲିକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଥାନା କେସ ନଂ.-୩୩୬/୨୦୧୮ରେ ଭାରତୀୟ ପିଙ୍ଗଳକୋର୍ଡର ୩୪୨, ୫୦୬, ୩୯୪ ଦଫାରେ ଫୌଜଦାରୀ ମୋକଦ୍ଦମା ରୁଜୁ କରିଥିବାବେଳେ ଥାନା କେସ ନଂ,-୩୩୭/୨୦୧୮ରେ ଭାରତୀୟ ପିଙ୍ଗଳକୋର୍ଡର ୨୯୪, ୩୫୪ ଦଫାରେ ଫୌଜଦାରୀ ମୋକଦ୍ଦମା ରୁଜୁ କରିଛି ।

ଡିହାପଡାରେ ନିଶା ବିରୋଧୀ ଅଭିଯାନ

ପଟ୍ଟାମୁଣ୍ଡାଇ, ନ୍ୟୁଜ୍ ବ୍ୟୁରୋ

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡିହାପଡା ବିଜୁ ଯୁବବାହିନୀ ପକ୍ଷରୁ ସଭାପତି ରଶ୍ମୀରଞ୍ଜନ ବାରିକ, ସଂପାଦକ ନିଗମାନନ୍ଦ ପରିଡାଙ୍କ ନେତୃତ୍ୱରେ ମନୋଜ ପ୍ରଧାନ, ହୃଶିକେଷ ସେଠୀ, ରଞ୍ଜିତ ପରିଡା, ଜନକର ମଳିକ, ଶ୍ରୀଧର ମହାପାତ୍ର ପ୍ରମୁଖ ବିଜୁ ଯୁବବାହିନୀର ସଦସ୍ୟମାନେ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ନିଶା ବିରୋଧୀ ଅଭିଯାନ ସଂପର୍କରେ ଜନସଚେତନାତ ସୃଷ୍ଟି କରିଥିଲେ । ଏଥିରେ ପଞ୍ଚାୟତ ବିଜେଡି ସଭାପତି ବୈରାଗୀ ରାଉତ, ସମିତିସଭ୍ୟ ପିତାମ୍ବର ସେନାପତି, ପୂର୍ବତନବ ସରପଞ୍ଚ ମଥୁରାନନ୍ଦ ଘଡାଇ, ଶରତ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ ଦୈତାରୀ ପରିଡା ଓ ଗୌତମ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

ଦୂର ଦୃଷ୍ଟି ଅଭାବରୁ ରାଜପଥ ପାଲଟିଲା ମରଣଯନ୍ତା

କୋରେଇ, ନ୍ୟୁଜ୍ ବ୍ୟୁରୋ

ପାଣିକୋଇଲି ଠାରୁ ଠାକୁରମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ ନଂ-୨୦ ଜହ୍ନା ଗୋଲେଇଛକ ଏବେ ମରଣ ଯନ୍ତା ପାଲଟିଛି । ଏହି ରାସ୍ତାର ବିଭିନ୍ନ ଜାଗା ରେ ଯନ୍ତ୍ରୀ ମାନଙ୍କ ଦୂରଦୃଷ୍ଟି ଅଭାବ ଚାନ୍ଦମା ଛକ ଓ ବେଣାପୁର ଛକର ରାସ୍ତା ଅତି ବିପଦ ପୂର୍ଣ୍ଣ ଛକରେ ପରିଣତ ହୋଇଛି । କିଛି ମୁଷ୍ଟି ମେୟ ଲୋକ ଙ୍କ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ଠିକାଦାର (ଗାୟତ୍ରି କନଷ୍ଟ୍ରକ୍‌ସନ୍) ଏହିପରି ବିପଦ ପୂର୍ଣ୍ଣ ରାସ୍ତା ନିର୍ମାଣ କରିଥିବା ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଜିଲ୍ଲା ପଶାସନ ତରଫରୁ ସହର ଭିତରକୁ ଭାରିଯାନ ପ୍ରବେଶକୁ ନିସିଦ୍ଧ କରାଯାଇଛି । ସକାଳ ୮ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ୟାସନଗର ସହର ମଧ୍ୟକୁ ଭାରିଯାନ ପ୍ରବେଶ ଉପରେ ନିଷେଦ ଅଦେଶ ଦିଆଯାଇଛି । ଏହି ଆଦେଶକୁ ରକ୍ଷା କରିବାକୁ ଯାଇ କୋରେଇ ପୋଲିସ ଓ ଯାଜପୁର ରୋଡ ପୋଲିସ ଚାନ୍ଦମା ଛକ ଓ ବେଣାପୁର ଛକ ଠାରେ ଭାରି ଯାନ ଗୁଡିକୁ ଅଟକାଇ ରଖୁଛନ୍ତି । ଏହି ଭାରିଯାନ ଗୁଡିକ ଗୋଟିଏ ଧାଡି ରେ ରଖିବାକୁ ନିର୍ଦ୍ଦେଶ ଥିଲା ବେଳେ ଗାଡି ଗୁଡିକ ବ୍ୟାସନଗର ସହର ମଧ୍ୟକୁ ଥିବା ରାସ୍ତା ମୁହଁକୁ ବନ୍ଦ କରି ଗାଡି ଗୁଡିକ ଘଣ୍ଟା ଘଣ୍ଟା ଠିଆ ହୋଇଥିବା ଦେଖାଯାଉଛି । ଏହାଫଳରେ ମଟର ସାଇକେଲ କି ସାଇକେଲ ଆରୋହି ବ୍ୟାସନଗର ସହରକୁ ଯିବା ପାଇଁ କଷ୍ଟ କର ହୋଇପଡୁଛି । ଅନ୍ୟପଟେ ଦେଖିବାକୁ ଗଲେ ବେଣାପୁର ଜହ୍ନା ଗୋଲେଇ ଛକ ଏକ ସମ୍ବେଦନ ଛକ ଭାବେ ଜଣାଶୁଣା ଏହି ଛକରେ ଅନେକ ଲୋକ ଦୁର୍ଘଟଣାରେ ମୃତବରଣ କଲେଣି । ଆଜକୁ ୨ ମାସ ହେବ ଏହି ବେଣାପୁର ଛକ ଠାରେ ଥିବା ହାଇମ୍ୟାକ୍ସ ଲାଇଟ୍‌ଟି ଜଳୁ ନାହିଁ । ପ୍ରସାଶନ ଏଥିପ୍ରତି ଧ୍ୟାନ ନଦେଲେ ଆଗାମୀ ଦିନରେ ବଡ ଦୁର୍ଘଟଣା ଘଟିବା ସହ ରାସ୍ତାରେ ଯାତାୟାତ ବହୁ ବାଧାପ୍ରାପ୍ତ ହେବ ବୋଲି ସାଧାରଣରେ ଦାବି ଜୋର ଧରିଛି ।

ଅନୁଗୁଳରେ ଶାରଦୀୟ ସାହିତ୍ୟ ଆସର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସରସ୍ୱତୀ ବିଦ୍ୟାମନ୍ଦିର, ନାଲ୍‌କୋନଗର ଅନୁଗୁଳ ଠାରେ ନାସନାଲ ହ୍ୟୁମାନ ୱେଲ୍‌ଫେୟାର ବୋର୍ଡ଼ ଟ୍ରଷ୍ଟର ଶାଖା ଆଞ୍ଚଳିକ ଭାଷା ଓ ସଂସ୍କୃତି ସୁରକ୍ଷା ମହାମଞ୍ଚ ତରଫରୁ ଏକ ଆଲୋଚନା ଚକ୍ର ସହ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି । ସଂସ୍ଥାର ଅଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନାଲ୍କୋର ଜେନେରାଲ ମ୍ୟାନେଜର ସତ୍ୟାନନ୍ଦ ସାହୁ, ସମ୍ମାନିତ ଅତିଥିଭାବେ ଡଃ ଶତୃଘ୍ନ ବେହେରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନର ସଂଯୋଜନା କରିଥିଲେ ବୈରାଗୀ ମଲ୍ଲିକ (ଅବାଗିଆ) । ସଂସ୍ଥା ତରଫରୁ ଡଃ ଶତୃଘ୍ନ ବେହେରାଙ୍କୁ ତାଙ୍କର ସାହିତ୍ୟ ଏବଂ ଶୈକ୍ଷିକ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କବି ସଚ୍ଚିକାନ୍ତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏବଂ ମୁକୁନ୍ଦ ଶତପଥୀ, ଶ୍ରୀମତୀ ମନୋଜା ନାୟକ ଏବଂ ବ୍ୟଙ୍ଗକବି ନିରଞ୍ଜନ ପତିଙ୍କ ସୁମଧୁର ସଂଯୋଜନାରେ ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ଏଥିସହିତ କବି ନିରଞ୍ଜନ ଗଡ଼ନାୟକଙ୍କ ଦ୍ୱାରା ରଚିତ ଭଜନମାଳିକା 'ମୋହନ ବଂଶୀ'ର ସଂସ୍ଥାର ଅଧ୍ୟକ୍ଷଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଗ୍ରାହକ ରଞ୍ଜନ କୁମାର ଶ୍ରୀ ଚନ୍ଦନରାୟ ତାଙ୍କର ପୁରାତନ ଏବଂ ବହୁଦେଶର ମୁଦ୍ରା ସଂଗ୍ରହ ସହ ବିଭିନ୍ନ ପ୍ରକାର ଦିଆସିଲ୍‌କୁ ମଧ୍ୟ ପ୍ରଦର୍ଶିତ କରିଥିଲେ । ଏଥିପାଇଁ ସଂସ୍ଥା ତରଫରୁ ତାଙ୍କୁ ମଧ୍ୟ ପ୍ରଶଂସା ପତ୍ର ସହ ସମ୍ମାନିତ କରାଯାଇଥିଲା ।

ଜେଏସ୍‌ଡବ୍ଲ୍ୟୁ ଆସନ୍ତା ବର୍ଷରୁ ଇସ୍ପାତ କାରଖାନା କାମ ଆରମ୍ଭ ହେବ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁରର ପାରାଦୀପ ନିକଟରେ ପୋସ୍କୋ ଜମିରେ ଆସନ୍ତା ଆର୍ଥିକ ବର୍ଷରୁ ଜେଏସ୍‌ଡବ୍ଲ୍ୟୁର ଇସ୍ପାତ କାରଖାନା କାମ ଆରମ୍ଭ ହେବ ବିଭିନ୍ନ ପର୍ଯ୍ୟାୟରେ ଏହି କାରଖାନାକୁ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି । ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲ୍ୟୁ ୫୫ ହଜାର କୋଟି ଟଙ୍କା ବିନିଯୋଗରେ କାରଖାନା ସ୍ଥାପନ କରିବ । ପ୍ରଥମ ପର୍ଯ୍ୟାୟରେ କମ୍ପାନି ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ବ୍ଲାଷ୍ଟ ଫର୍ଣ୍ଣେସ୍ ନିର୍ମାଣ କରିବ । ସବୁ ପ୍ରକାର ମଞ୍ଜୁରି ଓ ଅନୁମୋଦନ ମିଳିବା ପରେ କମ୍ପାନି ଏହି କାରଖାନା କାମ ଆରମ୍ଭ କରିବାକୁ ଯୋଜନା ରଖିଛି । କାରଖାନାରେ କେଉଁ ସବୁ ଉତ୍ପାଦ ନିର୍ମାଣ କରାଯିବ ସେ ସଂପର୍କିତ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ଏକ କନ୍‌ସଲଟାଣ୍ଟ୍ (ପରାମର୍ଶଦାତା) ନିଯୁକ୍ତ କରିଛି ଓଡ଼ିଶାରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ୫୨ ହଜାର କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରିବା ପାଇଁ ଓଡ଼ିଶା ସରକାରଙ୍କ ସହିତ ୨୦୦୫ରେ ଦକ୍ଷିଣ କୋରିଆର କମ୍ପାନି ପୋସ୍କୋ ବୁଝାମଣା ସ୍ୱାକ୍ଷର କରିଥିଲା ଇଡ୍‌କୋ ପକ୍ଷରୁ ପୋସ୍କୋ ପ୍ରକଳ୍ପ ପାଇଁ ୨୭୦୦ ଏକର ଜମି ଅଧିଗ୍ରହଣ କରାଯାଇଥିଲା ଓ ସେଥିମଧ୍ୟରୁ ୧୭୦୦ ଏକର ଜମି ପୋସ୍କୋକୁ ହସ୍ତାନ୍ତର କରାଯାଇଥିଲା କିନ୍ତୁ କାରଖାନା ନିର୍ମାଣ କରିବାକୁ ପୋସ୍କୋ ଆଗ୍ରହ ଦେଖାଇନଥିଲା । ଅଧିଗ୍ରହଣ ହୋଇଥିବା ଜମିକୁ ରାଜ୍ୟ ସରକାରଙ୍କୁ ପୋସ୍କୋ ଫେରାଇ ଦେଇଥିଲା ଏହାର କିଛି ମାସ ପରେ ଓଡ଼ିଶାରେ ଏକ ଇସ୍ପାତ କାରଖାନା ନିର୍ମାଣ କରିବାକୁ ଜେଏସ୍‌ଡବ୍ଲ୍ୟୁ ଆଗ୍ରହ ଦେଖାଇଥିଲା । ଏହି କମ୍ପାନିକୁ ରାଜ୍ୟ ସରକାର ୨୯୦୦ ଏକର ଜମି ପ୍ରଦାନ କରିଛନ୍ତି । ଗତ ମାସରେ ଚେନ୍ନାଇ ଠାରେ ଆୟୋଜିତ ହୋଇଥିବା ନିବେଶକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଥିଲେ ଓଡ଼ିଶାରେ କମ୍ପାନି ୯୦୦ ମେଗାୱାଟ୍‌ର ଏକ ପାୱାର ପ୍ଲାଣ୍ଟ, ୩୨ ନିୟୁତ ଟନ୍‌ର ପେଲେଟ୍ ୟୁନିଟ ଓ ଏକ ସ୍ଲରି ପାଇପ୍ ଲାଇନ ସ୍ଥାପନ କରିବାକୁ ମଧ୍ୟ ଯୋଜନା ରଖିଛି ।

ବ୍ୟାସଦେବ ମଣ୍ଡଳର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ସରକାରଙ୍କ କଲ୍ୟାଣ ଯୋଜନା ସହରବାସୀଙ୍କ ପାଖରେ ପହଞ୍ଚାଇବାକୁ ନିଷ୍ପତ୍ତି

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ରବିବାର ସନ୍ଧ୍ୟାରେ ଭାରତୀୟ ଜନତା ପାର୍ଟି ବ୍ୟାସଦେବ ମଣ୍ଡଳ ପକ୍ଷରୁ ପ୍ରଥମକାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭାରତୀୟ ଜନତା ପାର୍ଟି ବ୍ୟାଦଦେବ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକକୁ ଆନୁଷ୍ଠାନିକ ଭାବେ ଯୁବନେତା ବିଶ୍ୱଜିତ୍ ନାୟକ ଉଦ୍‌ଘାଟନ କରିଥିଲେ । ଏହି ବୈଠକରେ ବ୍ୟାସଦେବ ମଣ୍ଡଳର କାର୍ଯ୍ୟକର୍ତ୍ତା ମାନେ ଆଗାମୀ ନିର୍ବାଚନକୁ କିପରି ପରିଚାଳନା କରିବେ ତାହାର ରୂପରେଖ ପ୍ରସ୍ତୁତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନାକୁ ସହର ଲୋକମାନଙ୍କ ପାଖରେ ପହଞ୍ଚାଇବା 'ସବ୍‌କା ସାଥ୍-ସବ୍‌କା ବିକାଶ' ଲୋକାଭିମୁଖୀ କରିବା ପାଇଁ ପ୍ରତ୍ୟେକ ଭାଜପା କର୍ମୀମାନେ ସହରବାସୀଙ୍କ ନିକଟରେ ପହଞ୍ଚି ଏହି ଯୋଜନା ସଂପର୍କରେ ଅବଗତ କରିବା ପାଇଁ ନିଷ୍ପତି ହୋଇଥିଲା । ଅନ୍ୟପକ୍ଷରେ ବ୍ୟାସନଗର ସହରର ବିକାଶ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ବ୍ୟାସନଗର ସହରରେ ବହୁ ସମସ୍ୟା ରହିଥିଲେ ମଧ୍ୟ ଶାସକ ଦଳ ଏଥିପ୍ରତି ଦୃଷ୍ଟି ନଦେଇ ସହରର ବିକାଶର ବିନାଶ କରୁଛି । ସେ ସଂପର୍କରେ ଭୋଟରଙ୍କ ପାଖକୁ ଯାଇ ଏହାର ସମାଧାନ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ କୋରେଇର ପୂର୍ବତନ ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ମହାନ୍ତି ଯୋଗଦେଇ ବ୍ୟାସନଗର ପୌର ପରିଷଦ ତଥା କୋରେଇ ନିର୍ବାଚନ ମଣ୍ଡଳରେ ଭାଜପା ଦଳକୁ ସୁଦୃଢ କରିବା ସହ ଆଗାମୀ ଦିନରେ ଭାଜପା ଦଳ କୋରେଇ ନିର୍ବାଚନ ମଣ୍ଡଳୀରେ ଭାଜପାର ପ୍ରାର୍ଥୀ ବହୁ ସଂଖ୍ୟାରେ ବିଜୟ ଲାଭ କରିବାପାଇଁ ପ୍ରତ୍ୟେକ ବିଜେପି କର୍ମୀ ଆଜିଠୁ ସଂଗଠନକୁ ସୁଦୃଢ କରିବାପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ପୂର୍ବତନ ବରିଷ୍ଠ ନେତା ଶିବପ୍ରସାଦ ଆଇଚଙ୍କ ସମେତ ସରୋଜ କୁମାର ଦେ, ମମତା ପଣ୍ଡା, ଯଶୋବନ୍ତ ମଲ୍ଲ, ଅଭିଷେକ ପହି, ଜାନକୀ ଜେନା, ଅମୂଲ୍ୟ ସାହୁ, ଗଣେଷ ମାଝୀ, ଅସୀତ କୁମାର ଦାସ, କାଳୀପଦ ମଣ୍ଡଳ ଓ ଯୁବମୋର୍ଚ୍ଚା ସଭାପତି ଆଶିଷ କୁମାର ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସବିତା ଖୁଣ୍ଟିଆ, ସାଧାରଣ ସମ୍ପାଦକ ମିଲି ମହାଳିକ, ସମ୍ପାଦକ ସନ୍ଧ୍ୟାରାଣୀ ଦାସ, ଉପସଭାନେତ୍ରୀ ସରିତା ଗୁପ୍ତା, ଜିଲ୍ଲା ଉପସଭାପତି ଇତିଶ୍ରୀ ଜେନା, ଦଳିତ ମୋର୍ଚ୍ଚାର ସଭାପତି ନିରନ ପେରେଇ, ଓବିସି ସଭାପତି ଉମେଶ କୁମାର ମଲ୍ଲୀକ, ମାଇନରଟି ସଭାପତି ମଇରୁଦ୍ଦିନ ଆନସରୀ ଓ ବିରିଷ୍ଠ ନେତା ଘନଶ୍ୟାମ ସାହୁ, ଗିରିଧାରୀ ଦାସ, କାର୍ତ୍ତିକଶ୍ୱର ପଲେଇ, ବରିଷ୍ଠ ନେତା ମୋହନଲାଲ ସାହୁ, ସୁରେନ୍ଦ୍ର କୁମାର ସାହୁ, ବର୍ଷିଆନ ନେତା କାଶିନାଥ ସାହୁ ଓ ବୁଥ୍ ସଭାପତିଙ୍କ ସମେତ ମହେଶ୍ୱର ନାୟକ, ବିପିନ ବିହାରୀ ଜେନା, ପ୍ରଫୁଲ୍ଲ ଦାସ, ବିଜୟ କୁମାର ଗୋଛାୟତ, ସଦାଶିବ ସେଠୀ, ସୁଧାଂଶୁ ଶେଖର ମହାପାତ୍ର, ପ୍ରଚାର ସେଲର ଅଧ୍ୟକ୍ଷ ବିମଲ କୁମାର ରାଉତ, ପ୍ରଶାନ୍ତ କୁମାର ଦାସ, ବିଦ୍ୟାଧର ମହାନ୍ତି, ମହେଶ୍ୱର ମଲ୍ଲିକ, ସୁରେନ୍ଦ୍ର ସାହୁ, ରମିନ କୁମାର ନାଥ, ସଞ୍ଜୟ କୁମାର ମହାନ୍ତି, ସନ୍ତୋଷ କୁମାର ପ୍ରଧାନ, ରମେଶ କୁମାର ରାଉତ, ରମେଶ କୁମାର ରାଉତ ଓ ଦିଲ୍ଲୀପ କୁମାର ଜେନା, ତପନ ବାରିକ, ପ୍ରମୋଦ ବାରିକ, ଯୁବନେତା ସିଦ୍ଧାର୍ଥ ବିଶ୍ୱାଳ, ସୁରେଶ କୁମାର ପରିଡା, ବାବୁଲି ଜେନା, ଅମର କୁମାର ରାଉତ ପ୍ରମୂଖ ଯୋଗଦେଇ ସାଂଗଠନିକ ସଂପର୍କରେ ଆଲୋଚନା କରିଥିଲେ । ଶେଷରେ ଦଳିତ ସେଲର ସଭାପତି ନିରଞ୍ଜନ ପେରେଇ ଧନ୍ୟବାଦ ଦେଇଥିଲେ ।